## ବଜ୍ରପାତରେ ଜଣେ ଗୁରୁତର

କାମାକ୍ଷାନଗର, (ସୁଧୀର ପରିଡ଼ା): ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜଗନ୍ନାଥପୁର ଗ୍ରାମର ଜଳଧର ମଳିକ (୬୦) ଗୁରୁବାର ଅପରାହ୍ନରେ ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ଘର ବାରଣ୍ଡାରେ ବସିଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ସଂକ୍ଷେପରେ

## ୨୦ରେ ଅନୁଗୋଳରେ 'ସମର ତରଙ୍ଗ'

ଢେଙ୍କାନାଳ, ୧୭।୮ (ରତନ ନାୟାର)

ଢେଙ୍କାନାଳର 'କଳା ପରିଷଦ ନାଟ୍ୟ ଅନୁଷ୍ଠାନ' ପକ୍ଷରୁ ଐତିହାସିକ ପୃଷ୍ଠଭୂମି ଉପରେ ରଚିତ ସମର କବି ବ୍ରଜନାଥ ବଡ଼ଜେନାଙ୍କ କାବ୍ୟ 'ସମର ତରଙ୍ଗ'କୁ ଗୀତିନାଟ୍ୟ ରୂପରେ ରୂପାନ୍ତରିତ କରାଯାଇଛି। ଆସନ୍ତା ୨୦ ତାରିଖ ସନ୍ଧ୍ୟା ୬ଟାରେ ଅନୁଗୋଳ 'ଆମ ସଂସ୍କୃତି ଅନୁଷ୍ଠାନ' ସହଯୋଗରେ ସ୍ଥାନୀୟ ସଭାଗୃହଠାରେ ଏହାକୁ ପରିବେଷଣ କରାଯିବ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ ବୋଲି ଗୀତିନାଟ୍ୟ ରୂପାନ୍ତର କରିଥିବା କବି ଅବନୀ ମିଶ୍ର, ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ଅନୁଷ୍ଠାନର ସଭାପତି ଦିଲୀଶ୍ୱର ମହାରଣା, ଶରତ ମାଝି, ଅମ୍ବିକା ପ୍ରସାଦ ପଟ୍ଟନାୟକ, ବିନୋଦ ମହାନ୍ତି ପ୍ରମୁଖ ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ଗୀତିନାଟ୍ୟକୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷଣ କରାଯାଇଥିବାବେଳେ ଏହା ଦର୍ଶକୀୟ ସ୍ୱୀକୃତି ସାଉଁଟିଥିଲା।

# ଅବଧି ନ ପୂରୁଣୁ ଅନ୍ଧାର

କାମାକ୍ଷାନଗର, ୧୭।୮ (ଅମ୍‌ଜାଦ ଖାନ୍)



- ମୂଷା କାଟିଦେଲା ଏଲ୍‌ଇଡି ତାର
- ସାରଙ୍ଗଧର ସେତୁରେ ଅସୁରକ୍ଷିତ ଯାତ୍ରା

ସଞ୍ଜ ଗଡ଼ିଲେ ଆଡ୍ଡା ଜମାଉଥିଲେ ଅସାମାଜିକ। କିଟିକିଟି ଅନ୍ଧାରରେ ଅସୁରକ୍ଷିତ ଭାବେ ଯାତାୟାତ କରୁଥିଲେ ପଥଚାରୀ। ଅନେକ ସମୟରେ ଘଟୁଥିଲା ଛୋଟବଡ଼ ଦୁର୍ଘଟଣା। ଏହାର ସମାଧାନ ଲାଗି ସାରଙ୍ଗଧର ସେତୁକୁ ଆଲୋକୀକରଣ କରାଯାଇଥିଲା। ଏଲ୍‌ଇଡି ଆଲୁଅରେ ଝଲସି ଉଠିଥିଲା ବ୍ରିଜ୍। ତେବେ ମାତ୍ର ବର୍ଷକ ପରେ ସବୁ ଫୁସ୍‌କି ଯାଇଛି। ରକ୍ଷଣାବେକ୍ଷଣ ଅବଧି ପୂରଣ ପୂର୍ବରୁ ଅଧିକାଂଶ ଲାଇଟ୍ ଅଚଳ ହୋଇପଡ଼ିଛି। ଫଳରେ ଏହି ବ୍ୟସ୍ତବହୁଳ ସେତୁରେ ଏବେ ପୁଣି ରାଜୁତି କରୁଛି ଘନ ଅନ୍ଧକାର।

କାମାକ୍ଷାନଗର-ଢେଙ୍କାନାଳ ମୁଖ୍ୟ ରାସ୍ତାର କମଗରାସ୍ଥିତ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ସାରଙ୍ଗଧର ସେତୁରେ ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବା ଲାଗି ଆଲୋକୀକରଣ ଦାୟିତ୍ୱ ନେଇଥିଲା ପୂର୍ତ୍ତ ବିଭାଗ। ଟେଣ୍ଡର ପରେ ଠିକାସଂସ୍ଥାକୁ କାମ ଦିଆଯାଇଥିଲା। ୨୦୧୯ ମାର୍ଚ୍ଚ ୯ରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବାବେଳେ କାମ ସମ୍ପୂର୍ଣ୍ଣ ହେବା ପରେ ୨୦୨୦ ମାର୍ଚ୍ଚ ୧୦ରେ ଏହାର ଲୋକାର୍ପଣ ହୋଇଥିଲା। ଏହି କାର୍ଯ୍ୟ ପାଇଁ ମୋଟ ୨୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏଥିସହ ୩ ବର୍ଷ ପାଇଁ ଠିକାସଂସ୍ଥା ରକ୍ଷଣାବେକ୍ଷଣ କରିବ ବୋଲି ଚୁକ୍ତି ମଧ୍ୟ ହୋଇଥିବା ତତ୍କାଳୀନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ମିତାପ୍ରଜ୍ଞା ରଥ କହିଛନ୍ତି। ତେବେ ନିୟମିତ ପରିଚାଳନା କରାଯାଉ ନ ଥିବାରୁ ପ୍ରାୟ ବର୍ଷେ ହେଲା ଅଧିକାଂଶ ଏଲ୍‌ଇଡି ଲାଇଟ୍ ଅଚଳ ହୋଇପଡ଼ିଛି। ମୋଟ ୬୫ଟି ଏଲ୍‌ଇଡି ମଧ୍ୟରୁ ୨୫ଟିର ତାର ମୂଷା କାଟିଦେଇଥିବା ଜଣାପଡ଼ିଛି। ୧୨ଟି ଲାଇଟ୍ ଖରାପ ହୋଇଯାଇଛି। ଅବଶିଷ୍ଟ ବିଭିନ୍ନ କାରଣରୁ ଜଳୁନାହିଁ। ଫଳରେ ଯାନବାହନ ଚାଳକ, ପଥଚାରୀ ଅତି ବିପଦସଙ୍କୁଳ ଅବସ୍ଥାରେ ବ୍ରିଜ୍ ପାର ହେଉଛନ୍ତି। ଏଥିପାଇଁ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି।

ଏ ସବୁ ଭିତରେ ଅନ୍ୟ ଏକ ସମସ୍ୟା ପଦାକୁ ଆସିଛି। ବ୍ରିଜରେ ଲାଗିଥିବା ଏଲ୍‌ଇଡି ଲାଇଟ୍ ବାବଦ ବିଦ୍ୟୁତ୍ ଶୁଳ୍କ ପୈଠ ଦାୟିତ୍ୱ ରାୟନୃସିଂହପୁର ପଞ୍ଚାୟତକୁ ଦିଆଯାଇଛି। ତେବେ ପଞ୍ଚାୟତରେ ପାଣ୍ଠି ନ ଥିବାରୁ ୭ ଲକ୍ଷ ଟଙ୍କାର ବିଲ୍ ବାକି ପଡ଼ିଛି ବୋଲି ସରପଞ୍ଚ ଶିଶିରକାନ୍ତ ବେହେରା କହିଛନ୍ତି। ତେଣୁ କେବଳ ଲାଇଟ୍ ଲଗାଇଦେଲେ ହେବନାହିଁ, କିପରି ବକେୟା ବିଦ୍ୟୁତ୍ ବିଲ୍ ପୈଠ କରାଯିବ, ସେ ସମ୍ପର୍କରେ ମଧ୍ୟ ପଞ୍ଚାୟତ ପ୍ରଶାସନ ଚିନ୍ତା କରିବା ଦରକାର। ନଚେତ୍ ବିଦ୍ୟୁତ୍ ବିତରଣ କମ୍ପାନୀ ବିଦ୍ୟୁତ୍ ସଂଯୋଗ ଦେବନାହିଁ ଏବଂ ଲାଇଟ୍ ଲଗାଇବା ସତ୍ତ୍ୱେ କିଛି ଲାଭ ହେବନାହିଁ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି।

ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁ କୁହନ୍ତି, ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ। ସାରଙ୍ଗଧର ସେତୁରେ ଯେପରି ଲାଇଟ୍ ଲାଗିବ, ସେହି ବ୍ୟବସ୍ଥା କରାଯାଉଛି।



ଏମ୍‌ପି ଅଳସୁଆ ହାଟ ଏମ୍‌ସିସି ପରିଦର୍ଶନ କରୁଛନ୍ତି।

## ଖେଳପଡ଼ିଆ କାମ ସାରିବାକୁ ନିର୍ଦ୍ଦେଶ

ଢେଙ୍କାନାଳ, ୧୭।୮ (ରତନ ନାୟାର)

ଢେଙ୍କାନାଳ କଲେଜ ଖେଳପଡ଼ିଆ ଉନ୍ନତୀକରଣରେ ବିଳମ୍ବକୁ ନେଇ ଏମ୍‌ପି ମହେଶ ସାହୁ କ୍ଷୋଭ ବ୍ୟକ୍ତ କରିଛନ୍ତି। ଏମ୍‌ପି ଗୁରୁବାର ହଠାତ୍ କଲେଜ ପରିଦର୍ଶନରେ ଯାଇ ଅଧ୍ୟକ୍ଷ ରଣଜିତ୍ ପ୍ରଧାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଜିଲା ଖଣିଜ ପାଣ୍ଠିରୁ ଖେଳପଡ଼ିଆ ଭିତ୍ତିଭୂମିର ବିକାଶ ପାଇଁ ସେ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଅଦ୍ୟାବଧି କାହିଁକି କାମ ହୋଇନାହିଁ ବୋଲି ଏମ୍‌ପି ପ୍ରଶ୍ନ କରିଥିଲେ। ତୁରନ୍ତ କାମ ସାରିବା ଲାଗି ସେ ଅଧ୍ୟକ୍ଷଙ୍କୁ କହିଛନ୍ତି। ଏହାପରେ ଏମ୍‌ପି ସଦର ବ୍ଲକ କାଇମାଟି ପଞ୍ଚାୟତର ଶବର ସାହି ଘରପୋଡ଼ି କ୍ଷତିଗ୍ରସ୍ତଙ୍କୁ ଭେଟି ଆଲୋଚନା କରିଥିଲେ। ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚ ଅମିତଜ୍ୟୋତି ସ୍ୱାଇଁ, ଢେଙ୍କାନାଳ ସଚେତନ ନାଗରିକ ଫୋରମ୍ ସମ୍ପାଦକ ଭରତ କୁମାର ଦାସ ଉପସ୍ଥିତ ଥିଲେ। ଏହାପରେ ଅଳସୁଆ ହାଟ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର (ଏମ୍‌ସିସି) ପରିଦର୍ଶନ କରିଥିଲେ। ସ୍ଥାନୀୟ ଲୋକେ ଏମ୍‌ସିସିକୁ ବିରୋଧ କରୁଥିବାରୁ ଲୋକଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ନିର୍ବାହୀ ଯନ୍ତ୍ରୀ ରଶ୍ମିତା ମିଶ୍ର, ଗୋପାଳ ଚନ୍ଦ୍ର ସାହୁ, ଉର୍ବଶୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଯନ୍ତାରିବୋଲ ଉପରସାହି ରାସ୍ତା ଜଳାର୍ଣ୍ଣବ

କାମାକ୍ଷାନଗର, ୧୭।୮ (ସୁଧୀର ପରିଡ଼ା)

ସାମାନ୍ୟ ବର୍ଷାରେ ଜଳାର୍ଣ୍ଣବ ହୋଇପଡୁଛି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା କାନପୁରା ପଞ୍ଚାୟତ ଯନ୍ତାରିବୋଲ ଗ୍ରାମ ଉପରସାହି ରାସ୍ତା। ସାହିବାସୀ ଆଣ୍ଠୁଏ ପାଣିରେ ଚଳପ୍ରଚଳ କରିବାକୁ ବାଧ୍ୟ ହେଉଛନ୍ତି। ରାସ୍ତା କାମରେ ଦୁର୍ନୀତି, ଦୂରଦୃଷ୍ଟି ଅଭାବରୁ ଏଭଳି ସମସ୍ୟା ସୃଷ୍ଟି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି।

ସ୍ଥାନୀୟ ଲୋକଙ୍କ କହିବା କଥା, ଉକ୍ତ ୩୦୦ ମିଟର ରାସ୍ତା କାମରେ ବ୍ୟାପକ ଦୁର୍ନୀତି ହୋଇଛି। ସାହିର ଏହି ରାସ୍ତା ଅନ୍ୟ ସଡ଼କ ତୁଳନାରେ ପ୍ରାୟ ୭ରୁ ୮ ଇଞ୍ଚ ଖାଲୁଆ। ତେଣୁ ଅସରାଏ ବର୍ଷା ହେଲେ ଆଣ୍ଠୁଏ ଉଚ୍ଚତାର ଜଳସ୍ରୋତ ପ୍ରବାହିତ ହେଉଛି। ପାଣି ଘରେ ପଶିଯାଉଛି। ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ମଶା ବଂଶ ବଢୁଛନ୍ତି। ପାଣିରେ ଚାଲିବା ଦ୍ୱାରା ଚର୍ମ ରୋଗ ହେଉଛି। ତେଣୁ ଏହାର ସ୍ଥାୟୀ ସମାଧାନ କରିବା ଲାଗି ଗ୍ରାମବାସୀ ଦାବି କରିଛନ୍ତି।



ବର୍ଷାପାଣି ରାସ୍ତାରେ ଜମି ରହିଛି।

# କଞ୍ଚା ରାସ୍ତା ହେବ ପେଭର ରୋଡ୍



ବୈଠକରେ ନଗରପାଳ, ଉପନଗରପାଳ, ନିର୍ବାହୀ ଅଧିକାରୀଙ୍କ ସମେତ ବିଭିନ୍ନ ୱାର୍ଡର କାଉନ୍‌ସିଲରମାନେ।

କାମାକ୍ଷାନଗର, ୧୭।୮ (ସୁଧୀର ପରିଡ଼ା)

### ୮୪ ପ୍ରକଳ୍ପରେ ଖର୍ଚ୍ଚ ହେବ ୬. ୩୯ କୋଟି

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ସଭାଗୃହରେ ଗୁରୁବାର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗରପାଳ ଧର୍ମାନନ୍ଦ ପରିଡ଼ା ଏଥିରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ମ୍ୟୁନିସିପାଲ ଆଇନ-୧୯୫୦ ଧାରା ୬୩ ଅନୁଯାୟୀ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ୱାର୍ଡରେ ଥିବା କଞ୍ଚା ରାସ୍ତାକୁ ପେଭର ରୋଡ୍ କରାଯିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ତଦନୁଯାୟୀ କାମାକ୍ଷାନଗର ପୌରାଞ୍ଚଳରେ ୮୪ଟି ରାସ୍ତାର ନବୀକରଣ ହେବ। ଏଥିଲାଗି ୬ କୋଟି ୩୯ ଲକ୍ଷ ୨୩ ହଜାର ୨୦୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଅଗଷ୍ଟ ଶେଷ ସୁଦ୍ଧା ଏହାର ଟେଣ୍ଡର ପ୍ରକ୍ରିୟା ଶେଷ ହେବ। ନଭେମ୍ବର ସୁଦ୍ଧା କାମ ସାରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥିସହ ସହରାଞ୍ଚଳର ସୌନ୍ଦର୍ଯ୍ୟକରଣ, ପରିମଳ ବ୍ୟବସ୍ଥା ସୁଦୃଢ଼ୀକରଣ ସମେତ ସାମଗ୍ରିକ ବିକାଶ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଉପନଗରପାଳ ଶକୁନ୍ତଳା ସେଠୀ, ନିର୍ବାହୀ ଅଧିକାରୀ ଯତୀନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## କେମିକାଲ ୱେଦରିଂରେ କୃତିକାଙ୍କ ଗବେଷଣା

ଢେଙ୍କାନାଳ, ୧୭।୮ (ରତନ ନାୟାର)



ଢେଙ୍କାନାଳର ଝିଅ କୃତିକା ମହାପାତ୍ର ନରୱେର ଆରଟିକ୍ ସଂସ୍ଥାରେ କେମିକାଲ ୱେଦରିଂ ଉପରେ ଗବେଷଣା କରୁଛନ୍ତି। ଗୋଆସ୍ଥିତ ନ୍ୟାଶନାଲ ସେଣ୍ଟର ଫର୍ ପୋଲାର ଆଣ୍ଡ ଓସେନ ରିସର୍ଚ୍ଚ ଏବଂ ନୂଆଦିଲ୍ଲୀର ମିନିଷ୍ଟ୍ରି ଅଫ୍ ଆର୍ଥ ସାଇନ୍ସେସ୍ ତରଫରୁ କୃତିକା ନରୱେର ସାଭାଲବାଗସ୍ଥିତ ଆଲସଣ୍ଡ ହିମାଦ୍ରି ଷ୍ଟେସନଠାରେ ଗବେଷଣାରତ ଅଛନ୍ତି। ଏହି ଗବେଷଣାରେ ଥାମ୍ବବାନ ମେଲଥ୍ ତାଙ୍କର ଲିଡର ଥିବା ବେଳେ ଡ. ଜ୍ଞାନରଞ୍ଜନ ମହାନ୍ତି ମାର୍ଗଦର୍ଶକ ରହିଛନ୍ତି। କୃତିକା ଢେଙ୍କାନାଳ ଦେଉଳସାହିର ଅବସରପ୍ରାପ୍ତ ରିଜର୍ଭ ବ୍ୟାଙ୍କ ଅଧିକାରୀ ରୁଦ୍ରମାଧବ ମହାପାତ୍ର ଓ ସାମାଜିକ କର୍ମୀ ପାର୍ବତୀ ମହାପାତ୍ରଙ୍କ କନ୍ୟା ଅଟନ୍ତି। ସେ ରେଭେନ୍‌ଶା କଲେଜରୁ ସ୍ନାତକ ଶିକ୍ଷା ପରେ କେରଳ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ପାସ୍ କରିଥିଲେ। ଏହାପରେ ପୁଣେ ଆଇଜରରୁ ପିଏଚ୍.ଡି. କରୁଛନ୍ତି। ପାଠ୍ୟକ୍ରମ ଅନୁଯାୟୀ ସେ ଗବେଷଣା କରିବା ଲାଗି ନରୱେ ଯାଇଛନ୍ତି ।



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସୁରଭି ଗ୍ରାମ ଧାନ ବିଲରେ ହାତୀ। (ଫଟୋ-ରତନ)

## ମାନସିକ ଚାପ ନିୟନ୍ତ୍ରଣ ଜରୁରୀ

ଢେଙ୍କାନାଳ, ୧୭।୮ (ରତନ ନାୟାର)

ଢେଙ୍କାନାଳ କଲେଜ ସ୍ନାତକୋତ୍ତର ବାଣିଜ୍ୟ ବିଭାଗ ପକ୍ଷରୁ ଗୁରୁବାର 'ନାଭିଗେଟିଂ ଷ୍ଟ୍ରେସ୍ ଫର୍ ଏକାଡେମିକ୍ ଏକ୍ସଲେନ୍ସ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ରଣଜିତ୍ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରାଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବାଣିଜ୍ୟ ବିଭାଗର ପୂର୍ବତନ ବରିଷ୍ଠ ପ୍ରଫେସର ଡ. ପ୍ରଦ୍ୟୋତ କେଶରୀ ପ୍ରଧାନ କହିଲେ, ଶୈକ୍ଷିକ ବାତାବରଣରେ ଛାତ୍ରୀଛାତ୍ର, ଶିକ୍ଷକଙ୍କ ସଫଳତା ପାଇଁ ମାନସିକ ଚାପ ନିୟନ୍ତ୍ରଣ ନିହାତି ଆବଶ୍ୟକ। ଏହାର ବିଭିନ୍ନ ଦିଗଗୁଡ଼ିକୁ ଅନୁଧ୍ୟାନ କରିବା ଆବଶ୍ୟକ। ବାଣିଜ୍ୟ ବିଭାଗ ମୁଖ୍ୟ ତଥା ପାଠଚକ୍ର ଆବାହକ ଡ. ରଜନୀକାନ୍ତ ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ସୌମ୍ୟା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡ. ସମ୍ବିତ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ସୁମିତ୍ରା ବେହେରା, ରାଧା ଅଗ୍ରୱାଲ, ରାକେଶ ଚନ୍ଦ୍ର ସାହୁ, ନିତ୍ୟରଞ୍ଜନ ତ୍ରିପାଠୀ, ସନ୍ଦୀପ ମହାନ୍ତି, ଆଦିତ୍ୟ ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।




ପାଠଚକ୍ରରେ ଅତିଥିମାନେ।

# ହକ୍ ପାଇଁ ଏକାଠି ହୋଇ ଲଢ଼ିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ, ୧୭।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ପଡ଼ା ବ୍ଲକ ମଶାଣିଆ ଛକଠାରେ ଆଞ୍ଚଳିକ କ୍ଷତିଗ୍ରସ୍ତ ପ୍ରଜାସଂଘ ପକ୍ଷରୁ ମଙ୍ଗଳବାର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଉଦ୍ୟୋଗୀ ଡା. ଅବିନାଶ ସାମଲ କହିଲେ, ଅଞ୍ଚଳରେ ଅନେକ କଳକାରଖାନା ଥାଇ ଯୁବପିଢ଼ି ବେକାର ହୋଇ ବୁଲୁଛନ୍ତି। କମ୍ପାନୀ ପାଇଁ ଆମେ ଭିଟାମାଟି ହରାଇଛୁ। ପ୍ରଦୂଷଣ ସମସ୍ୟାରେ ଜୀବନ ଯନ୍ତ୍ରଣାମୟ ହୋଇଗଲାଣି। ତେଣୁ ହକ୍ ପାଇଁ ଏକାଠି ହୋଇ ଲଢ଼ିବା ଲାଗି ସେ ଆହ୍ୱାନ ଦେଇଥିଲେ। ସଂଘ ସମ୍ପାଦକ ବିନୟ କୁମାର ଧଳ, ଉପସଭାପତି ଲକ୍ଷ୍ମୀଧର ରାଉତ, ନିତ୍ୟାନନ୍ଦ ବେହେରା, ସବିତା ନାୟକ, ନରେନ୍ଦ୍ର ସାହୁ, ନରୋତ୍ତମ ରାଉତ, ବିନୋଦ ସାହୁ, ବିନୋଦ ବେହେରା, ଭଗବାନ ସାହୁ, ରାମଚନ୍ଦ୍ର ନାଥ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଡା. ଅବିନାଶ ସାମଲଙ୍କ ଦ୍ୱାରା ପ୍ରତିଷ୍ଠିତ 'ସେଣ୍ଟର ଫର୍ ସୋସିଆଲ ୱେଲବିଙ୍ଗ୍ ଆଣ୍ଡ ୱେଲଥ୍' ଦ୍ୱାରା ଅସହାୟ ମହିଳାଙ୍କୁ ଶାଢ଼ି ବଣ୍ଟନ କରାଯାଇଥିଲା। ବରିଷ୍ଠ ସଭ୍ୟ ଜୟନ୍ତ କୁମାର ନାଥ ଧନ୍ୟବାଦ ଦେଇଥିଲେ।

## ଟାଟା ଷ୍ଟିଲ୍ ପକ୍ଷରୁ ସ୍ୱାଧୀନତା ଦିବସ

ଢେଙ୍କାନାଳ, ୧୭।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସ୍ୱାଧୀନତା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। କମ୍ପାନୀର ପ୍ରଶାସନିକ ଅଫିସଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କମ୍ପାନୀର ପ୍ରୋଜେକ୍ଟ ଓ ନିର୍ମାଣ ବିଭାଗ ମୁଖ୍ୟ ଅନିଲ କୁମାର ସିଂ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କମ୍ପାନୀର ସୁରକ୍ଷା ଓ ନିରାପତ୍ତା ବିଭାଗର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ମୁଖ୍ୟ ଅତିଥି ପତାକା ଉତ୍ତୋଳନ କରୁଛନ୍ତି।

## ପୂର୍ବତନ ସେନା କର୍ମଚାରୀ ସମ୍ବର୍ଦ୍ଧିତ

କାମାକ୍ଷାନଗର, ୧୭।୮ (ଅମ୍‌ଜାଦ୍ ଖାନ୍)

ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟର ଆହ୍ୱାନକ୍ରମେ କଙ୍କଡ଼ାହାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ 'ମାଟିକା ନମନ, ବୀର୍ କା ବନ୍ଦନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦଶୀପୁର ଗ୍ରାମର ବାୟୁସେନାର ଅବସରପ୍ରାପ୍ତ କର୍ମଚାରୀ ବିଭୂତି ଭୂଷଣ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ମହାନ୍ତ, ଖବରଦାତା ପାଣ୍ଡବ ଚରଣ ଦାସ, ସଭାପତି କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଇନ ପରାମର୍ଶଦାତା ଆଇନଜୀବୀ ବିମଳ ଚନ୍ଦ୍ର ବିଶ୍ୱାଳ, ପବିତ୍ର ମୋହନ ବରାଳ, ପ୍ରବୀଣ ନାଏକ, ମନମୋହନ ପରିଡ଼ା, ଟୁନା ପରିଡ଼ା, ସତ୍ୟବ୍ରତ ଦାସ, ପ୍ରସନ୍ନ ପରିଡ଼ା, ଅଶୋକ ସେଠ, ଆଶୁତୋଷ ମିଶ୍ର ପରିଚାଳନା କରିଥିଲେ।



ପୂର୍ବତନ ସେନା କର୍ମଚାରୀ ବିଭୂତିଙ୍କ ସମେତ ଅନ୍ୟମାନେ।

# ଲିଜ୍‌ଧାରୀଙ୍କୁ ଏସ୍‌ପିଙ୍କ ତାଗିଦା

ଢେଙ୍କାନାଳ, ୧୭।୮ (ରତନ ନାୟାର)

### ଟୋଲ୍‌ଗେଟ୍ କର୍ମଚାରୀଙ୍କ ଦାଦାଗିରି ମାମଲା

- ଦୁଇଚକିଆ ପାଇଁ ଟୋଲ୍ ଫି' ଆଦାୟ ସ୍ଥାନ ବଦଳିଲା

ଢେଙ୍କାନାଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କପିଳାସକୁ ଆସୁଥିବା ପର୍ଯ୍ୟଟକ ଟୋଲ୍‌ଗେଟ୍ କର୍ମଚାରୀଙ୍କ ଦ୍ୱାରା ଶୋଷଣର ଶିକାର ହେବା ଘଟଣାରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗୁରୁବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏ ସଂକ୍ରାନ୍ତ ଏକ ଜରୁରୀ ବୈଠକରେ ଟୋଲ୍‌ଗେଟ୍ ଲିଜ୍‌ଧାରୀ, କର୍ମଚାରୀଙ୍କୁ ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଦିନରେ ଏଭଳି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିର୍ଦ୍ଦେଶକୁ ଅଣଦେଖା କଲେ ଲିଜ୍ ବାତିଲ କରିବା ପାଇଁ ଜିଲାପାଳଙ୍କୁ ପତ୍ର ଲେଖିବେ ବୋଲି ଏସ୍‌ପି ଚେତାଇ ଦେଇଛନ୍ତି।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଦୁଇଚକିଆ ଏବଂ ଚାରିଚକିଆ ଯାନ ପାଇଁ ପୃଥକ୍ ସ୍ଥାନରେ ଟୋଲ୍ ଫି ଆଦାୟ କରାଯିବ। ପୀଠକୁ ଯାଉଥିବା ବାଇକ୍ ଆରୋହୀମାନେ ପୁରୁଣା ଆଉଟପୋଷ୍ଟ ନିକଟରେ ଟୋଲ ଫି' ଦାଖଲ କରିବେ। ଏବେକାର ଟୋଲ୍‌ଗେଟ୍‌ରେ କେବଳ ଚାରିଚକିଆ ଯାନ ପାଇଁ ଫି' ଆଦାୟ ହେବ। ରସିଦରେ ଗାଡ଼ି ନମ୍ବର, ରସିଦ ନମ୍ବର, ନିର୍ଦ୍ଧାରିତ ମୂଲ୍ୟ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବ। ପର୍ଯ୍ୟଟକଙ୍କୁ କେହି ଧମକଚମକ ଦେବେନାହିଁ। ତେବେ ପର୍ବପର୍ବାଣି ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ ଗୋଟିଏ ସ୍ଥାନରେ ଟୋଲ ଫି' ଆଦାୟ କରାଯିବ। ଜିଲାପାଳ ଓ ଏସ୍‌ପି ନିୟମିତ ଭାବେ ଟୋଲ୍‌ଗେଟ୍ ଯାଞ୍ଚ କରିବେ। ଦେବୋତ୍ତର ବିଭାଗ ମଧ୍ୟ ଏହା ଉପରେ ଦୃଷ୍ଟି ରଖିବ। ଆସନ୍ତା ମାର୍ଚ୍ଚରେ ଲିଜ୍ ଅବଧି ପୂରଣ ହେଉଥିବାବେଳେ ସେହି ସମୟରେ ନିୟମ ପରିବର୍ତ୍ତନ କରାଯିବ। ୧୨ ବାଙ୍କର ଶେଷ ବାଙ୍କ ନିକଟରେ ବାଇକ୍‌ଗୁଡ଼ିକରୁ ପାର୍କିଂ ଫି' ଆଦାୟ କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଏସ୍‌ପି ମହାପାତ୍ର ସୂଚନା ଦେଇଛନ୍ତି। ବୈଠକରେ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ଗଁଦିଆ ଥାନାଧିକାରୀ ସତ୍ୟବ୍ରତ ଭୂଟିଆ, ଟୋଲ୍‌ଗେଟ୍ ଲିଜ୍‌ଧାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଦେବୋତ୍ତର ବିଭାଗ କର୍ମଚାରୀ, ସ୍ଥାନୀୟ ପୋଲିସ ସହ ଟୋଲ୍‌ଗେଟ୍ ଲିଜ୍‌ଧାରୀ ଅସାଧୁ ମେଣ୍ଟ କରି ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଫି' ଆଦାୟ କରୁଥିବା ଅଭିଯୋଗ ହୋଇ ଆସୁଥିଲା। ଗତ ସ୍ୱାଧୀନତା ଦିବସରେ ଏହାକୁ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ଏହାପରେ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଏହି ଘଟଣାକୁ ଗୁରୁତର ସହ ନିଆଯାଇଛି।

# ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ କରାଯିବ ଅଭିଯୋଗ



ଟିକରପଡା ଠାରେ ଅନୁଷ୍ଠିତ ସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ ।

**ଅନୁଗୋଳ,୧୭।୮ (ଅମିତ କୁମାର ସାମଲ)**

## ବିସ୍ଥାପନ ବିରୋଧରେ ଜନ ସମାବେଶ

ଅନୁଗୋଳ ଜିଲା ସାତକୋଶିଆ ବନଖଣ୍ଡର ଅଭୟାରଣ୍ୟ ଓ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ମଧ୍ୟରେ ଥିବା ଗ୍ରାମଗୁଡ଼ିକୁ ବନ ବିଭାଗ ବିସ୍ଥାପନ କରିବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ କରିବା ସହ ଏହାର ପ୍ରତିବାଦରେ ଟିକରପଡା ସରପଞ୍ଚ ସୌର୍ଯ୍ୟ ରଞ୍ଜନ ସାହୁଙ୍କ ଆହ୍ୱାନରେ ଏକ ସଭା ବୁଧବାର ଟିକରପଡା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିକରପଡା ପଞ୍ଚାୟତର ମଝିପଡା, ହାତିବାରୀ, ବେହେରାସାହି, ଗଇଁଦି, ରାମିମୁଣ୍ଡା, କରଡାପଡା, ଟିକରପଡା ଗ୍ରାମର ୧୫୦ରୁ ଅଧିକ ଗ୍ରାମ୍ୟସ୍ତରୀୟ ନେତା ଅଂଶଗ୍ରହଣ କରିଥିଲେ। ଅନୁଗୋଳ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସାତକୋଶିଆ ଅଭୟାରଣ୍ୟ ଓ ପ୍ରଜା ସୁରକ୍ଷା ସମିତି ସଭାପତି ନବ କିଶୋର ବିଶୋଇ ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରତି ଗ୍ରାମର ସଭାପତି ଏବଂ ପ୍ରତିନିଧି ବନ ବିଭାଗର ବିସ୍ଥାପନକୁ ବିରୋଧ କରିଥିଲେ। ଏଥିସହ ବନ ବିଭାଗ ଭିତିରିଆ ସାଦା କାଗଜରେ ଦସ୍ତଖତ ସଂଗ୍ରହ ଏବଂ ଗାଁରୁ ଉଠିଯିବାକୁ ଉସୁକାଉଥିବାରୁ ସଭାରେ ଏହାର ନିନ୍ଦା କରାଯାଇଥିଲା। ବନ ବିଭାଗ ଗ୍ରାମସଭା ଓ ପଲ୍ଲିସଭାକୁ ସାମ୍ନା ନ କରି ଏକ ପ୍ରକାର ଗାଁରେ ବିଭେଦ ସୃଷ୍ଟି କରି ସାମାଜିକ, ସାଂସ୍କୃତିକ ଓ ପରମ୍ପରାଗତ ବ୍ୟବସ୍ଥାକୁ ଧ୍ୱଂସ କରୁଥିବା ନେଇ ସଭାରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗ୍ରାମ ବିସ୍ଥାପନ ସମ୍ବନ୍ଧୀୟ ଆଇନ ସମ୍ପର୍କରେ ଆଇନଜୀବୀ ପ୍ରସନ୍ନ କୁମାର ବେହେରା ତଥ୍ୟ ରଖିଥିଲେ। ଜିଲା ପ୍ରଶାସନ ଏବଂ ବନ ବିଭାଗର ଏପରି କାର୍ଯ୍ୟଧାରା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବଙ୍କୁ ତୁରନ୍ତ ଜଣାଇବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା।

## ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମଧ୍ୟରେ ବିବାଦ

**ଅନୁଗୋଳ,୧୭।୮ (ଅମିତ କୁମାର ସାମଲ)**

ସାତକୋଶିଆ ଅଭୟାରଣ୍ୟରୁ ପୁରୁଣାକୋଟ ପଞ୍ଚାୟତର ଗୋପାଳପୁର ଗ୍ରାମ ବିସ୍ଥାପନ ପାଇଁ ବନ ବିଭାଗର ଚକ୍ରାନ୍ତ ଯୋଗୁ ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମଧ୍ୟରେ ବିବାଦ ବଢୁଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ଗୋପାଳପୁରର ମୂଳ ପ୍ରଜା ୧୬ ଘରର ୪୦ ପରିବାର ଗାଁ ନ ଛାଡିବାକୁ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସମ୍ପୃକ୍ତ ୪୦ ପରିବାର ଦର୍ଶାଇଛନ୍ତି, ଅଭୟାରଣ୍ୟ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ବାହାରେ ଥିବା ଗୋପାଳପୁରକୁ ପୂର୍ତ୍ତ ବିଭାଗ ପକ୍ଷରୁ ଭଲ ପିଚୁ ରାସ୍ତା କରାଯାଇଛି। ଗାଁରେ ସ୍କୁଲ ରହିଛି। ଏକ କିଲୋମିଟରେ ଦୂରରେ ଡାକ୍ତରଖାନା, ରାଜସ୍ୱ ନିରୀକ୍ଷକ, ହାଇସ୍କୁଲ, ଥାନା, ବଜାର ରହିଛି। ହେଲେ ବନ ବିଭାଗ ଗାଁକୁ ବିସ୍ଥାପନ କରିବାକୁ ଚାହୁଁଥିବାରୁ ଏହାକୁ ଅପନ୍ତରା କହୁଛି। ଗୋପାଳପୁର ଗ୍ରାମର ୧୬ ଘରର ୪୦ ପରିବାର ହେଉଛନ୍ତି ମୂଳ ବାସିନ୍ଦା। ଗାଁର ସର୍ବମୋଟ ଜମିର ୭୫ ପ୍ରତିଶତ ସେମାନଙ୍କ ନାମରେ ରହିଛି। ଅପରପକ୍ଷରେ ଯାଯାବର ଭାବେ ବୁଲୁଥିବା ୨୪ କୋହ୍ଲ ପରିବାରକୁ ୧୯୯୧ ମସିହାରେ ବନ ବିଭାଗ ଏଠାରେ ଥଇଥାନ କରିଥିଲା। ଆଉ ଏହି ଯାଯାବର ପରିବାରଗୁଡ଼ିକୁ ବିସ୍ଥାପନ ପାଇଁ ୨୦ ଲକ୍ଷ ଟଙ୍କାର ପ୍ୟାକେଜ ପ୍ରଲୋଭନ ଦେଖାଯାଇଛି । ସେହିପରି ଜମିବାଡି ନ ଥିବା ଚାଳଘର ଓ ଅର୍ଦ୍ଧଭଗ୍ନ ଘର ଥିବା ୧୪ ଅନୁସୂଚିତ ଜାତିର ହରିଜନ ବର୍ଗର ପରିବାରକୁ ଗାଁ ଛାଡିବାକୁ ବନ ବିଭାଗ ମନେଇବାରେ ସଫଳ ହୋଇଛି। ବନ ବିଭାଗ ଗ୍ରାମସଭା ଓ ପଲ୍ଲିସଭା ନ କରି ଭିତିରିଆ ଭାବେ କୋହ୍ଲ ଆଦିବାସୀ ପରିବାରକୁ ଉସୁକାଉଥିବାରୁ ଗାଁରେ ବିବାଦ ବଢ଼ି ଚାଲିଥିବା ବିପକ୍ଷବାଦୀ ୧୬ ପରିବାର ଅଭିଯୋଗରେ ଦର୍ଶାଇଛନ୍ତି।

## ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଆଠମଲ୍ଲିକ,୧୭।୮ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ବ୍ଲକ ପୁରୁଣାମାଣତ୍ରୀ ପଞ୍ଚାୟତର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁଃଶାସନ ରାଉଳ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ରଶ୍ମିରେଖା ମାହାର, ସମିତିସଭ୍ୟା ବନିତା ସାହୁ ଓ ସରପଞ୍ଚ ମମତା ପାତ୍ର, ଆଠମଲ୍ଲିକ ଓକିଲ ସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସରକାରୀ ଓକିଲ ଅରବିନ୍ଦ ଜ୍ୟୋତିଷରାୟ, ଯୁବ ସାମାଜିକ କର୍ମୀ ମହେନ୍ଦ୍ର ସାହୁ, ଦୁଃଖୀଶ୍ୟାମ ରାଉଳ, ଅଜିତ ଆଚାର୍ଯ୍ୟ, ମାନସ ପାତ୍ର, ପୂର୍ବତନ ସରପଞ୍ଚ ବୀରେନ୍ଦ୍ର ବଡ଼ମାଳି, ପୂର୍ବତନ ସମିତିସଭ୍ୟ ବାସୁଦେବ ପ୍ରଧାନ ଓ ଛାତ୍ର ସଙ୍ଗଠକ ହିମାଂଶୁ କୁମାର ପ୍ରଧାନ ଯୋଗ ଦେଇଥିଲେ । ଏହି ଅବସରରେ ୧୨୦ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀ ଶାଶ୍ୱତା ସଂଗୀତା ଦାଶ ଓ ଗ୍ରାମ୍ୟ ରୋଜଗାର ସେବକ କୁମାର ମାହାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନୂତନ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରାଯାଉଛି।

## ମେରି ମାଟି ମେରା ଦେଶ ଫଳକ ଉନ୍ମୋଚିତ

**କଣିହାଁ,୧୭।୮ (ସଚ୍ଚିଦାନନ୍ଦ ପ୍ରଧାନ)**

ସ୍ୱାଧୀନତା ଦିବସ ଅବସରରେ ମେରି ମାଟି ମେରା ଦେଶ ଶିଳାଫଳକମ କଣିହାଁ ଟାକୁଆଠାରେ ଉନ୍ମୋଚିତ ହୋଇଯାଇଛି। କମ୍ପାନୀ ଇଡି ଏନ୍‌.ଏସ୍‌. ରାଓ, ଜିଏମ୍‌(ଓଆଣ୍ଡଏମ) ଏ.କେ. ସେହଗାଲ, ଜିଏମ୍ (ଓଆଣ୍ଡଏମ) ବିଜୟ ରାଓଙ୍କ ଉପସ୍ଥିତିରେ ଏହା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତନଭି ସଙ୍ଗମ ଲେଡିଜ କ୍ଲବ ସଭାନେତ୍ରୀ ରେନୁ ସେହଗଲ, ଜିଏମ୍‌ଏସ୍ ଏବଂ ଏନ୍‌ଟିପିସିର ବରିଷ୍ଠ ଅଧିକାରୀ, କଣିହାଁ ବିଡିଓଙ୍କ ସମେତ ଟକୁଆ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।




ଫଳକ ଉନ୍ମୋଚନ ଅବସରରେ ଏନ୍‌ଟିପିସି ଅଧିକାରୀମାନେ।

# ନେପୁ କାର୍ଯ୍ୟାଳୟରେ ମିଶ୍ରଣ ସଭା



ମିଶ୍ରଣ ସଭାରେ ନେପୁ କାର୍ଯ୍ୟକର୍ତ୍ତାଙ୍କ ସହ ନୂତନ ସଦସ୍ୟମାନେ।

**ବଅଁରପାଳ,୧୭।୮ (ଉପେନ୍ଦ୍ର ରାଉତ)**

ବଅଁରପାଳସ୍ଥିତ ନାଲ୍‌କୋ ପ୍ରୋଗ୍ରେସିଭ ଏମ୍ପ୍ଲଏଜ ୟୁନିୟନ (ନେପୁ) ଅଫିସଠାରେ ସଭାପତି ତଥା ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଯାଇଛି। ନେପୁର ନୀତି, ଆଦର୍ଶରେ ଅନୁପ୍ରାଣିତ ହୋଇ ବରିଷ୍ଠ ଶ୍ରମିକ ନେତା ପ୍ରଫୁଲ୍ଲ କୁମାର ସାହୁଙ୍କ ନେତୃତ୍ୱରେ ଅନ୍ୟ ସଙ୍ଗଠନର ଜୀବନ ବିଶ୍ୱାଳ, ବିଜୟ କୁମାର ସେଠ, ଧନେଶ୍ୱର ନାଏକ ପ୍ରମୁଖ ନେପୁରେ ଯୋଗଦାନ କରିଥିଲେ। ଏହି ନୂତନ ସଦସ୍ୟମାନଙ୍କୁ ସଭାପତି ସ୍ୱାଗତ କରିଥିଲେ। ନେପୁ କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ବୈରାଗୀ ସେଠ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ପୃଷ୍ଠପୋଷକ ବିନୋଦ ବିହାରୀ ସେଠ, କାର୍ଯ୍ୟକାରୀ ସଭାପତି ମାଙ୍ଗିଲାଲ ସାମଲ, ସର୍ବେସିଦ୍ଧ ବାଗ, ଅସିତ ସାହୁ, ପ୍ରଶାନ୍ତ ସାହୁ, ଜଳଧର ସିଂହ, ସତ୍ୟଜିତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଚାରା ରୋପଣ

**ଅନୁଗୋଳ, ୧୭।୮ (ଅମିତ କୁମାର ସାମଲ)**

ଅନୁଗୋଳ ସହର ରାଜକିଶୋରପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାରୀ ସୁରକ୍ଷା ପରିଷଦ ଓ ବିଜେଡି ସାଂସ୍କୃତିକ ସମନ୍ୱୟ ଉପାଧ୍ୟକ୍ଷା ସବିତା ସିଂହଙ୍କ ନେତୃତ୍ୱରେ ଗୌରହରି ସଂକୀର୍ତ୍ତନ ମଣ୍ଡଳୀ ସଭାପତି ନାରାୟଣ ସାହୁ, ଜଗନ୍ନାଥ ମନ୍ଦିର ପୂଜକ ଦୀପକ ପଣ୍ଡା, ଶନି ମନ୍ଦିର ପୂଜକ ଦାମୋଦର ମହାପାତ୍ର, ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟା ବୀଣାପାଣି ପଣ୍ଡା, ଗୀତା ବିଶ୍ୱାଳ, ସୁଲୋଚନା ଜେନା, ଗୀତାରାଣି ମହାପାତ୍ର, ପ୍ରତିମା ସାହୁ, ଶାନ୍ତିଲତା ପ୍ରଧାନ, ଶରତଚନ୍ଦ୍ର ଦଳବେହେରା, ଉଲ୍ଲାସ ସାହୁ, ଅଞ୍ଜଳୀ ଧୀର, ପ୍ରଭାତ ନନ୍ଦ, ତ୍ରିନାଥ ବେହେରା, ପ୍ରତାପ ସାହୁ, କପିଳେଶ୍ୱର ସାହୁ, ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରମାକାନ୍ତ ବିନ୍ଧାଣୀ ଓ ବନିତା ନାୟକ ସହଯୋଗ କରିଥିଲେ।



## ହେମନ୍ତ ଦାଶଙ୍କ ସ୍ମୃତିଚାରଣ

**ଅନୁଗୋଳ,୧୭।୮ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟିର ଅନ୍ୟତମ ସଦସ୍ୟ ତଥା ବୁଦ୍ଧିଜୀବୀ ହେମନ୍ତ ଦାଶଙ୍କ ମଙ୍ଗଳବାର ବିୟୋଗ ହୋଇଯାଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ପୋଲିସ ବିଭାଗରେ ସେ କାର୍ଯ୍ୟକରି ଅବସର ନେବାପରେ ଅନୁଗୋଳ ସହରରେ ରହିଆସୁଥିଲେ। ଅନେକ ସାମାଜିକ ସଙ୍ଗଠନ ସହିତ ତାଙ୍କର ସମ୍ପୃକ୍ତି ଥିଲା। ତାଙ୍କ ବିୟୋଗରେ ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ପାଠାଗାରଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବରିଷ୍ଠ ଓକିଲ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ତ୍ରେତାନନ୍ଦ ସାମନ୍ତ, ନିରୋଧ ଚନ୍ଦ୍ର ପାଲ, ବ୍ରଜବନ୍ଧୁ ସାହୁ, ପଠାଣି ବାରିକ, ତ୍ରିଲୋଚନ ଜେନା, ନିରୂପମା ସାହୁ, ତୀର୍ଥବାସୀ ଭୋଇ, ମାନସ ପାଲ, ଅଶୋକ ପ୍ରଧାନ ପ୍ରମୁଖ ତାଙ୍କର ସ୍ମୃତିଚାରଣ କରିଥିଲେ । ଶେଷରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।



ଶିକ୍ଷକପଡାସ୍ଥିତ ନବକୃଷ୍ଣ ଚୌଧୁରୀ ପାଠାଗାରଠାରେ ଶୋକସଭା କରାଯାଉଛି।

# ଦେଶ ପାଇଁ ପ୍ରେରଣାର ଉତ୍ସ ହୁଅ



ତାଳଚେର ଥର୍ମାଲଠାରେ ସ୍ୱାଧୀନତା ଦିବସ ପାଳନ ବେଳେ ଅଧିକାରୀମାନେ।

**ତାଳଚେର,୧୭।୮ (ମନୋଜ ନନ୍ଦ)**

ଏନ୍‌ଟିପିସି ତାଳଚେର ଥର୍ମାଲଠାରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଥର୍ମାଲ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଗୌତମ ଦେବ ପତାକା ଉତ୍ତୋଳନ କରିବା ସହ ସମସ୍ତେ ଦେଶ ପାଇଁ ପ୍ରେରଣାର ଉତ୍ସ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ମହାପ୍ରବନ୍ଧକ, ସିଆଇଏସ୍‌ଏଫ୍ ବାହିନୀ, ଲେ କ୍ଲବର ସଦସ୍ୟା, ଡାକ୍ତରୀ ଟିମ୍, କର୍ମଚାରୀ, ସ୍କୁଲର ଶିକ୍ଷକ ଓ ଛାତ୍ରୀଛାତ୍ର, ସ୍ଥାନୀୟ ସରପଞ୍ଚ, ଜନସାଧାରଣ, ୟୁନିୟନ କର୍ମକର୍ତ୍ତା ଯୋଗ ଦେଇଥିଲେ। ସ୍କୁଲ ପିଲାମାନେ ଦେଶାତ୍ମବୋଧ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସ୍କୁଲ ଓ କଲେଜରେ ଶୀର୍ଷ ନମ୍ବର ରଖିଥିବା ପିଲାମାନଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ଦିଆଯାଇଥିଲା। ଏହାପରେ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ମୌଳିକ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

**ବଇଣ୍ଡା,୧୭।୮ (ପରିକ୍ଷିତ ସାହୁ)**

ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏଙ୍କ ପକ୍ଷରୁ ବୁଧବାର ଏକ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। କିଶୋରନଗରଠାରୁ ଏହି ଯାତ୍ରା ଶୁଭାରମ୍ଭ ହୋଇଥିଲା। ଆଠମଲ୍ଲିକ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଏହି ଯାତ୍ରା ନାକିଚି, ହଣ୍ଡପା, ବଇଣ୍ଡା, ପେଡିପଥର ଦେଇ ଠାକୁରଗଡ଼ଠାରେ ସମାପ୍ତ ହୋଇଥିଲା। ଏଥିରେ ବିଧାୟକ ଯୋଗଦେଇ କିଭଳି ଲୋକମାନେ ସମସ୍ତ ସୁବିଧା ପାଇବା ସହ ମୌଳିକ ସମସ୍ୟା ସମାଧାନ ହେବ ତାହା ଉପରେ ଗୁରୁତ୍ୱ ଦେଇଥିଲେ। ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ବୃନ୍ଦାବନ ସାହୁ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, କୁଶ ନାୟକ, ରମେଶ ବେହେରାଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।



ତ୍ରିରଙ୍ଗା ଯାତ୍ରାରେ ବିଧାୟକଙ୍କ ସହ ଅନ୍ୟମାନେ।

## ଉତ୍ସର୍ଗୀକୃତ କାର୍ଯ୍ୟ କରିବାକୁ ଆହ୍ୱାନ

**ତାଳଚେର,୧୭।୮ (ମନୋଜ ନନ୍ଦ)**

ଭାଜପାର ବରିଷ୍ଠ ନେତା ତଥା ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ତାଳଚେରରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଟାଉନ ଜଗନ୍ନାଥ ମନ୍ଦିରଠାରୁ ଶତାଧିକ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ଧରି ବିରାଟ ମୋଟର ସାଇକେଲରେ ସହର ପରିକ୍ରମା କରି ସେଣ୍ଟ୍ରାଲ ୱାର୍କଶପସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ପହଞ୍ଚି ଥିଲେ। ଏହି ଅବସରରେ ଦେଶ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିବାକୁ ବରିଷ୍ଠ ନେତା ସାମଲ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଭାଜପା ଯୁବମୋର୍ଚ୍ଚା ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ଜିଲା ସମ୍ପାଦକ ପ୍ରଶାନ୍ତ ନନ୍ଦ, ମଣ୍ଡଳ ସଭାପତି ରାଜେନ୍ଦ୍ର ସିଂହ, ନରେଶ ବେହେରା, ନରେନ୍ଦ୍ର ସାହୁ, କାଳନ୍ଦୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



ଅନୁଗୋଳ ବୁଢ଼ୀ ଠାକୁରାଣୀ ମନ୍ଦିର ନିକଟରେ ଗୁରୁବାର ବସ୍ ଓ କାର୍ ମଧ୍ୟରେ ଦୁର୍ଘଟଣା ଘଟିଛି।

## ୨୩ରୁ ନବଦିନାତ୍ମକ ଯଜ୍ଞ

**ତାଳଚେର,୧୭।୮ (ମନୋଜ ନନ୍ଦ)**

ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଠାକୁରାଣୀଙ୍କ ଟ୍ରଷ୍ଟ ବୋର୍ଡର ଏକ ବୈଠକ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ମନୋଜ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ମା'ଙ୍କ ଗୋପାଳପ୍ରସାଦ ସ୍ଥିତ ପୀଠ ପରିସରରେ ଆସନ୍ତା ୨୩ ତାରିଖରୁ ନବଦିନ ବ୍ୟାପୀ ଏକ ଭବ୍ୟ ଯଜ୍ଞ ଆୟୋଜନ କରିବାକୁ ବୈଠକରେ ସ୍ଥିର କରାଯାଇଥିଲା।

## ବାଜପେୟୀଙ୍କ ଶ୍ରାଦ୍ଧ ଦିବସ

**ତାଳଚେର,୧୭।୮ (ମନୋଜ ନନ୍ଦ)**

ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଶ୍ରାଦ୍ଧ ଦିବସ ତାଳଚେର ଦେଉଳବେଡାସ୍ଥିତ ଆଗେଇବା ଓ ଆମପ୍ରତିଭା ଆମ ପରିଚୟ ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଛି। ଅନୁଷ୍ଠାନ ସଭାପତି ରମେଶଚନ୍ଦ୍ର ବେହେରାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଢେଙ୍କାନାଳ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ସମ୍ପାଦକ ଡ. ନିମାଇଁ ଚରଣ ପ୍ରଧାନ, ପ୍ରେସ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ତପନ ମହାରଣା, ପ୍ରକାଶ ସାହୁ, ନିର୍ମଳ ସାହୁ, ରବୀନ୍ଦ୍ର ବାରିକ, ରୋହିତ ବେହେରା, କୁଶ ବିହାରୀ ସାମଲ, ପ୍ରଫୁଲ୍ଲ ମିଶ୍ର, ବାବୁନି ସ୍ୱାଇଁ, ଭାଗୀରଥି ମହାପାତ୍ର, ଦେବାଶିଷ ସାହୁ, ଜିତେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨୪୯୫ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ନୂତନ ହିତାଧିକାରଙ୍କ ସହ ବିଧାୟକ।

**ଛେଣ୍ଡିପଦା,୧୭।୮ (ଅଜିତ ଧଳ)**

ଛେଣ୍ଡିପଦା ବ୍ଲକ ପକ୍ଷରୁ ମଙ୍ଗଳବାର ବିଭିନ୍ନ ପଞ୍ଚାୟତରେ ଗ୍ରାମସଭା ସହିତ ୨୪୯୫ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ବିଧାୟକ ସୁଶାନ୍ତ କୁମାର ବେହେରା ବାଲିପଟା, କୋରଡ଼ା, ଦୁର୍ଗାପୁର, ବରସାହି ପଞ୍ଚାୟତ ଗସ୍ତକରି ମଧୁବାବୁ ପେନସନ ଯୋଜନାରେ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ସେହିପରି ଜିଲାପରିଷଦ ସଦସ୍ୟ ନଗେନ୍ଦ୍ର ପ୍ରଧାନ ବାଗଡିଆ, ପାତ୍ରପଡା ଓ ପାଟକମୁଣ୍ଡା ପଞ୍ଚାୟତ, ପ୍ରଦୀପ କୁମାର ସାହୁ କୁକୁରପେଟା, ରାଇଝରଣ, ବରପଦା, ପରଙ୍ଗ ଏବଂ ଜିଲା ପରିଷଦ ସଦସ୍ୟା ଭାନୁପ୍ରିୟା ପ୍ରଧାନ ଜରପଡା, ଜେରଙ୍ଗ ଦେହୁରୀସାହି ଓ ଓଗୀ ପଞ୍ଚାୟତ ଗସ୍ତ କରି ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଅନ୍ୟ ୨୦ଟି ପଞ୍ଚାୟତରେ ସରପଞ୍ଚମାନଙ୍କ ଦ୍ୱାରା ଭତ୍ତା ବଣ୍ଟନ କରାଯାଇଥିଲା। ୧୧୩୧୪ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ବିକଳାଙ୍ଗ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଛେଣ୍ଡିପଦା ସାମାଜିକ ସୁରକ୍ଷା ଅଧିକାରୀ ଚିରୋଲିମା ପ୍ରିୟଦର୍ଶିନୀ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।

